ଭାରତ ସଂଘ ଏବଂ ଅନ୍ୟମାନେ

ବନାମ

ମହେନ୍ଦ୍ର ସିଂହ ଏବଂ ଅନ୍ୟମାନେ

ନଭେମ୍ବର 18,1996

[କେ.ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ଅସ୍ଥାୟୀ/କାମଚଳା ଚାଳକମାନେ – ନିୟମିତକରଣ ପାଇଁ ଦାବି – ଦାବିଗୁଡ଼ିକୁ ଅନୁମତି ପ୍ରଦାନ କରିଥିବା ନ୍ୟାୟାଧିକରଣ – ଦର୍ଶାଯାଇଥିଲା, ପେରା ସିଂହଙ୍କ ମାମଲାକୁ ଦୃଷ୍ଟିରେ ରଖି ନ୍ୟାୟାଧିକରଣ ସେମାନଙ୍କ ନିଯୁକ୍ତିର ସମ୍ପୃକ୍ତ ତାରିଖଠାରୁ ଉତ୍ତରଦାତାମାନଙ୍କ ସେବାକୁ ନିୟମିତ କରିବା ପାଇଁ ନିର୍ଦ୍ଦେଶ ଦେବାରେ ତ୍ରୁଟି କରିଥିଲେ – ଅପିଲକାରୀମାନଙ୍କୁ ଏହି ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଧାରିତ ଆଇନର ଅବଲୋକନରେ ନିୟମ ଅନୁଯାୟୀ ସେମାନଙ୍କ ସେବାକୁ ନିୟମିତ କରିବାକୁ ନିର୍ଦ୍ଦେଶ ଦିଆଗଲା ।*

*ହରିୟାଣା ରାଜ୍ୟ ବନାମ ପିୟାରା ସିଂହ, [1992]* **4 SCC 118, ଉପରେ ନିର୍ଭର କରିଥିଲା।**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 15086/1996

ଓ.ଏ. ସଂଖ୍ୟା 1105/1995 ରେ ନୂଆଦିଲ୍ଲୀର କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣର 8.2.96 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଟି.ଆର୍. ଅଧାରୁଜୁନ, ମହାନ୍ୟାୟଭିକର୍ତ୍ତା, ଟି.ସି. ଶର୍ମା ଏବଂ ପି.ପରମେଶ୍ୱରନ୍ ।

ଉତ୍ତରଦାତାମାନଙ୍କ ପାଇଁ ବି.ଟି. କୌଲ ଏବଂ ରାଜୀବ ତଲୱାର ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତା ଶୁଣିଛୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ନୂଆଦିଲ୍ଲୀଙ୍କର 8 ଫେବୃଆରୀ, 1995 ତାରିଖରେ ଓଏ ସଂଖ୍ୟା 1105/95 ରେ ଦିଆଯାଇଥିବା ଆଦେଶ ବିରୁଦ୍ଧରେ ଉଠିଛି ।

ସ୍ୱୀକୃତ ସ୍ଥିତି ହେଉଛି ଯେ, ଉତ୍ତରଦାତାମାନେ 24 ଏପ୍ରିଲ, 1986 ରୁ 5 ଅକ୍ଟୋବର, 1988 ପର୍ଯ୍ୟନ୍ତ ଗୁପ୍ତ ସୂଚନା ସଂସ୍ଥା, ମୁଖ୍ୟାଳୟ, ନୂଆଦିଲ୍ଲୀରେ ଚାଳକ ଭାବରେ ନିଯୁକ୍ତ ହୋଇଥିଲେ । ସେମାନେ ସେମାନଙ୍କ ସେବାକୁ ନିୟମିତ କରିବା ପାଇଁ ଓ.ଏ. ଦାଖଲ କରିଥିଲେ । ଏହି ଆକ୍ଷେପିତ ଆଦେଶରେ ନ୍ୟାୟାଧିକରଣ ନିମ୍ନରେ ଉଲ୍ଲେଖ କରାଯାଇଥିବା ଅନୁସାରେ ସେମାନଙ୍କର ସେବାକୁ ନିୟମିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି :

> "ବର୍ତ୍ତମାନର ମାମଲାରେ, ଆବେଦନକାରୀଙ୍କ ଅଭିଜ୍ଞତା 7 ବର୍ଷରୁ ଅଧିକ । ତେଣୁ, ଉପରୋକ୍ତ ମାମଲାର ଅନୁପାତକୁ ଦୃଷ୍ଟିରେ ରଖି ସେମାନଙ୍କର ବୟସ ଏବଂ ଶିକ୍ଷାଗତ ଯୋଗ୍ୟତାରେ କୋହଳ କରି ନିୟମିତକରଣ ପାଇଁ ବିଚାର ହେବାକୁ ସେମାନେ ହକଦାର ଅଟନ୍ତି । ତଦନୁସାରେ, ଆମେ ଏହି ଆବେଦନକୁ ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ଦେବା ସହିତ ଫଏସଲା କରୁ ଯେ, ସେମାନେ ଆବଶ୍ୟକ ଶିକ୍ଷାଗତ ଏବଂ ବୟସ କୋହଳ ପ୍ରଦାନ କରିବା ପରେ ଅନ୍ୟମାନଙ୍କ ସହିତ ଖାଲି ପଦବୀର ଉପଲବ୍ଧତା ଉପରେ ନିୟମିତକରଣ ପାଇଁ ଆବେଦନକାରୀଙ୍କୁ ବିଚାର କରନ୍ତୁ ଏବଂ କାର୍ଯ୍ୟ ଉପଲବ୍ଧତା ଥିବା ସର୍ତ୍ତରେ, ଯାହା ଉତ୍ତରଦାତାମାନଙ୍କ ସହିତ କାର୍ଯ୍ୟ କରିବାର ଅଭିଜ୍ଞତା ସେମାନଙ୍କ ଅପେକ୍ଷା କମ୍ ହୋଇଥିବା ଅନ୍ୟ କୌଣସି ଶ୍ରମିକଙ୍କ ଅପେକ୍ଷା ଅଗ୍ରାଧିକାର ଦେଇ, ସେମାନଙ୍କୁ ସେମାନଙ୍କର ବର୍ତ୍ତମାନର ଚାକିରିରେ ଜାରି ରଖନ୍ତୁ ।

*ହରିୟାଣା ରାଜ୍ୟ ବନାମ ପିୟାରା ସିଂହ,* [1992] 4 SCC 118 ରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ସ୍ଥିରୀକୃତ ଆଇନଗତ ସ୍ଥିତିକୁ *ଦୃଷ୍ଟିରେ* ରଖି ଏବଂ ତା 'ପରେ ଅନେକ ଉଦାହରଣକୁ ଦୃଷ୍ଟିରେ ରଖି, ନ୍ୟାୟାଧିକରଣ ସ୍ପଷ୍ଟ ଭାବରେ ସେମାନଙ୍କ ନିଯୁକ୍ତିର ନିର୍ଦ୍ଦିଷ୍ଟ ତାରିଖ ଠାରୁ ସେମାନଙ୍କ ସେବାଗୁଡ଼ିକର ନିୟମିତକରଣ କରିବାକୁ ନିର୍ଦ୍ଦେଶ ଦେବାରେ ଭୁଲ କରୁଛନ୍ତି । ଏହା ପରିବର୍ତ୍ତେ, ଅପିଲକାରୀମାନଙ୍କୁ ସେଥିରେ ନିର୍ଦ୍ଧାରିତ ଆଇନର ଅବଲୋକନରେ ନିୟମ ଅନୁଯାୟୀ ସେମାନଙ୍କର ସେବାକୁ ନିୟମିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଉତ୍ତରଦାତାମାନଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା ଏହା ଯୁକ୍ତି କରାଯାଇଛି ଯେ, ଅପିଲକାରୀମାନେ ପ୍ରତ୍ୟୁତ୍ତରରେ ନାମିତ 15 ଜଣଙ୍କ ସମ୍ବନ୍ଧରେ ଶିକ୍ଷାଗତ ଯୋଗ୍ୟତାକୁ କୋହଳ କରିଛନ୍ତି ଏବଂ ତେଣୁ, ଉତ୍ତରଦାତାମାନେ ମଧ୍ୟ ସମାନ ସୁବିଧା ପାଇବାକୁ ହକଦାର ଅଟନ୍ତି । ବିଜ୍ଞ ମହା ନ୍ୟାୟାଭିକର୍ତ୍ତା ଫେବୃଆରୀ 4,1988 ରେ ସରକାରଙ୍କ ଦ୍ୱାରା ପ୍ରଣୀତ ନିୟମାବଳୀ ଆମ ସମ୍ମୁଖରେ ଉପସ୍ଥାପନ କରିଛନ୍ତି; ଟିପ୍ପଣୀ (2) ନିୟମ 2 (iii) ରେ ସଂଯୁକ୍ତ କରାଯାଇଥିଲା ଯାହା ନିମ୍ନଲିଖିତ ଭାବରେ ଲେଖାଯାଇଛି :

> "ଗୁପ୍ତ ସୂଚନା ସଂସ୍ଥା, (ମୋଟର ପରିବହନ ସବର୍ଗ) ନିଯୁକ୍ତି (ସଂଶୋଧନ) ନିୟମ, 1988 କାର୍ଯ୍ୟକାରୀ ହେବା ପୂର୍ବରୁ ସୁରକ୍ଷା ସହାୟକ (ମୋଟର ପରିବହନ) ଭାବେ କାର୍ଯ୍ୟ କରୁଥିବା ସମୂହ ବ୍ୟକ୍ତିଙ୍କୁ ଏକକାଳୀନ ବ୍ୟତିକ୍ରମ ଭାବରେ ସୁରକ୍ଷା ସହାୟକ (ମୋଟର ପରିବହନ)ର କନିଷ୍ଠ ଗୁପ୍ତଚର ଅଧିକାରୀ, ଶ୍ରେଣୀ-II (ମୋଟର ପରିବହନ) ଭାବରେ ପାହ୍ୟାବୃଦ୍ଧି ପଦବୀ ବିରୁଦ୍ଧରେ ସୁରକ୍ଷା ସହାୟକ (ମୋଟର ପରିବହନ) ଭାବରେ ପ୍ରଦାନ କରିଥିବା ସେବା ସଂଖ୍ୟାକୁ ବିଚାର ନକରି କନିଷ୍ଠ ଗୁପ୍ତଚର ଅଧିକାରୀ ଶ୍ରେଣୀ-II (ମୋଟର ପରିବହନ) ଭାବରେ ପଦୋନ୍ନତି ଦିଆଯିବ।"

ଏହା ଉଲ୍ଲେଖ କରାଯାଇଛି ଯେ, ଉପରୋକ୍ତ ବ୍ୟକ୍ତିମାନଙ୍କୁ ଯେଉଁ ପୂର୍ବ ସବର୍ଗରେ ନିଯୁକ୍ତ କରାଯାଇଥିଲା, ତାହାକୁ ଉଚ୍ଛେଦ କରାଯାଇଥିଲା । ଫଳସ୍ୱରୂପ, ସୁରକ୍ଷା ସହାୟକ (ମୋଟର ପରିବହନ) ଭାବରେ କାର୍ଯ୍ୟ କରୁଥିବା ସମସ୍ତ ବ୍ୟକ୍ତିଙ୍କୁ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତାକୁ କୋହଳ କରି ସାମୂହିକ ଭାବରେ ନିୟମିତ କରାଯାଇଥିଲା, ଯାହା କେବଳ ଷଷ୍ଠ ଶ୍ରେଣୀ ଅଟେ ଏବଂ ତେଣୁ, ଉତ୍ତରଦାତାମାନଙ୍କ କ୍ଷେତ୍ରରେ ଏହାର କୌଣସି ପ୍ରୟୋଗ ନାହିଁ । ଉପରୋକ୍ତ ସ୍ଥିତିକୁ ଦୃଷ୍ଟିରେ ରଖି, ଉତ୍ତରଦାତାମାନଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା ଯୁକ୍ତି ଅନୁଯାୟୀ, ଆମେ ଉତ୍ତରଦାତାମାନଙ୍କ ପ୍ରତି କୌଣସି ବିରୋଧ ଭେଦଭାବ କରୁଥିବାର ପାଉନାହୁଁ ।

ତଦନୁସାରେ, ଅପିଲକୁ ଅନୁମତି ଦିଆଯାଇଛି ଏବଂ ପୂର୍ବରୁ ନିର୍ଦ୍ଦେଶ ଅନୁଯାୟୀ ଓ.ଏ.ର ଆଦେଶକୁ ପରିସମାପ୍ତି କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି. ଅପିଲକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

<u>ଅନୁବାଦିକା :</u>
ସସ୍ମିତା ନାଏକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ